# National eVidhan Application NeVA

## Inauguration

### of NeVA Seva Kendra (NSK) & Induction Training Program for the Officials of Odisha Legislative Assembly by Hon'ble Acting Speaker Shri Rajanikant Singh

**(9th June 2023)**

Under the visionary leadership of Hon'ble Speaker and the strategic steps taken by the Secretary, Odisha Legislative Assembly (OLA), Odisha has become one of the first State Assembly to implement State budget and Governor's Address on NeVA portal during 21st February, 2021. NIC, Odisha and E&IT Department, Govt. of Odisha has provided all the technical supports for successful and smooth functioning of NeVA in Odisha Legislative Assembly. With the implementation of the NeVA and other software applications, OLA has achieved significant minimization of use of papers. As a result, Odisha Legislative Assembly has received prestigious CSI-SIG e-Governance Award for the year 2021-22.

Under this project, a state-of-the-art high tech NeVA Seva Kendra (e-Facilitation Centre) was inaugurated by Hon'ble Acting Speaker, Shri Rajanikant Singh, Odisha Legislative Assembly on 9th June, 2023.





Inauguration by Hon'ble Acting Speaker Shri Rajnikant Singh and address to the audience

In the inaugural event, Shri Dasharathi Satapathy, IAS (Retd.), OSD – cum - Secretary, addressed the Officials on the significance of NeVA implementation.







Thereafter, an introductory session on NeVA portal and mobile app was conducted by NIC officials and NeVA professionals on the know-how, functionality, operations of NeVA & its perspective usage by all the stakeholders. The Assembly Secretariat officials participated in the session with great enthusiasm and showed much inquisitiveness.

***Hon'ble Acting Speaker and Secretary, OLA acknowledged Dr. Ashok Kumar Hota, DDG & SIO, NIC, Odisha for his constant support and for implementing NeVA smoothly in OLA. NIC officers Smt. Sarita Sahoo, Sr. Director (IT)& HOD, Shri Ashok Kumar Behera Director (IT), Shri Siddhartha Ku. Mandal, Dy. Director (IT) were present to take ahead the training session.***




NeVA Team, Bhubaneswar, Odisha

## PRESS CLIPPINGS

ଧରିତ୍ରୀ
DHARITRI

# ନେଭା ସେବାକେନ୍ଦ୍ର ଉଦ୍‌ଘାଟିତ

### ତାଲିମ୍ ନେଲେ ବିଧାନସଭା ପଦାଧିକାରୀ ଓ ସଦସ୍ୟ

ଭୁବନେଶ୍ୱର, ୯।୬ (ବ୍ୟୁରୋ)




ବିଧାନସଭା ପରିସରରେ ନେଭା ସେବା କେନ୍ଦ୍ର ଉଦ୍‌ଘାଟନ ଅବସରରେ କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହ, ସଚିବ ଦାଶରଥୀ ଶତପଥୀ ଓ ଅନ୍ୟମାନେ।

ଓଡ଼ିଶା ବିଧାନସଭା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ନ୍ୟାଶନାଲ୍ ଇ-ବିଧାନ(ନେଭା) ଜରିଆରେ ପେପରଲେସ୍ ପ୍ରଣାଳୀକୁ ଅଧିକ କ୍ରୀୟାଶୀଳ କରି ଆଗାମୀ ଦିନରେ ବିଧାନସଭାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ୍ ଏବଂ ଡିଜିଟାଲ ମାଧ୍ୟମରେ କରାଯିବ। ଏଥିପାଇଁ ପର୍ଯ୍ୟାୟକ୍ରମେ ବିଧାନସଭାର ସମସ୍ତ ପଦାଧିକାରୀ ଓ ସଦସ୍ୟମାନଙ୍କୁ ଏନ୍‌ଆଇସି ଏବଂ ଓକାକ୍ ଦ୍ୱାରା ତାଲିମ ପ୍ରଦାନ କରାଯିବ। ଶୁକ୍ରବାର କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହ ବିଧାନସଭା ପରିସରରେ ନେଭା ସେବାକେନ୍ଦ୍ର ଉଦ୍‌ଘାଟନ କରି କହିଲେ, ନେଭାକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ବିଧାନସେବା ଦେଶରେ ଅଗ୍ରଣୀ। ଏହାର ସମସ୍ତ କର୍ମଚାରୀ ଓସ୍ୱାସ୍‌ରେ କାର୍ଯ୍ୟ କରିବାରେ ଅଭ୍ୟସ୍ତ ଥିବାରୁ ଜୁଲାଇ ମଧ୍ୟରେ ତାଲିମ ସମାପ୍ତ କରି ନେଭା ଆପ୍ଲିକେସନ୍ ପ୍ରୟୋଗରେ ସଫଳ ହେବା ନେଇ କାର୍ଯ୍ୟକାରୀ ସଭାପତି ଆଶା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଯୋଗଦେଇ କହିଲେ, ଏହି ତାଲିମ କାର୍ଯ୍ୟକ୍ରମ କର୍ମଚାରୀ ଓ ଅଧିକାରୀଙ୍କୁ ବିଧାନସଭା ପ୍ରଶ୍ନଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍‌ରେ ଇ-ବିଧାନ ମାଧ୍ୟମରେ ସମ୍ପନ୍ନ କରିବାରେ ସହାୟକ ହେବ। ଏହି ଅବସରରେ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମରେ ବିଧାନସଭାରେ କାର୍ଯ୍ୟରତ ସମସ୍ତ ସହକାରୀ ଉପବିଭାଗ ଅଧିକାରୀ ତାଲିମ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ୨୦୧୮ରେ ଦେଶରେ 'ୱାନ୍ ନେସନ୍, ୱାନ୍ ଆପ୍ଲିକେସନ୍' ପଦ୍ଧତି ଆରମ୍ଭ କରିବା ପାଇଁ ନ୍ୟାଶନାଲ୍ ଇ-ବିଧାନ କାର୍ଯ୍ୟକ୍ରମ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିଲା। ଏହି ଆପ୍ଲିକେଶନ ଦ୍ୱାରା ବିଧାନସଭା କାର୍ଯ୍ୟକ୍ରମ ସମ୍ପର୍କିତ ସମସ୍ତ ତଥ୍ୟ ଗୋଟିଏ ମଞ୍ଚରେ ଉପଲବ୍ଧ ହେବ।

ସମାଜ
The Samaja

# 'ନେଭା' ସେବାକେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୯।୬ (ନି.ପ୍ର): ଓଡ଼ିଶା ବିଧାନସଭା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ନେଭା (ନ୍ୟାସନାଲ୍ ଇ-ବିଧାନ) ଜରିଆରେ କାଗଜବିହୀନ ପ୍ରଣାଳୀକୁ ଅଧିକ କ୍ରିୟାଶୀଳ କରି ଆଗାମୀ ଦିନରେ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଦୂରସଞ୍ଚାର ଏବଂ ଡିଜିଟାଲ ମାଧ୍ୟମରେ କରାଯିବ। ଏଥିପାଇଁ ପର୍ଯ୍ୟାୟକ୍ରମେ ଓଡ଼ିଶା ବିଧାନସଭାର ସମସ୍ତ ପଦାଧିକାରୀ ଏବଂ ସଦସ୍ୟଙ୍କୁ ଏନ୍‌ଆଇସି ଏବଂ ଓକାକ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହଙ୍କ ଦ୍ୱାରା ଓଡ଼ିଶା ବିଧାନସଭା ପରିସରରେ ନେଭା ସେବା କେନ୍ଦ୍ର ଉଦ୍‌ଘାଟିତ ହେବା ସହ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଆଜି ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାରେ କାର୍ଯ୍ୟରତ ସମସ୍ତ ସହକାରୀ ଉପବିଭାଗ ଅଧିକାରୀ ଏ ସମ୍ବନ୍ଧରେ ତାଲିମ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ କାର୍ଯ୍ୟକାରୀ ବାଚସ୍ପତି ଶ୍ରୀ ସିଂହ କହିଲେ ଯେ, ନେଭା'କୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ବିଧାନସଭା ଦେଶରେ ଅଗ୍ରଣୀ। ଓଡ଼ିଶା ବିଧାନସଭାର ସମସ୍ତ କର୍ମଚାରୀ ଓସ୍ୱାସ୍‌ରେ କାର୍ଯ୍ୟ କରିବାରେ ଅଭ୍ୟସ୍ତ ଥିବାରୁ ଧାର୍ଯ୍ୟ ଜୁଲାଇ ମାସ ମଧ୍ୟରେ ତାଲିମ ସମାପ୍ତ କରି ନେଭା ଆପ୍ଲିକେସନ୍ ପ୍ରୟୋଗରେ ସଫଳ ହେବେ ବୋଲି ଶ୍ରୀ ସିଂହ ଆଶାପ୍ରକାଶ କରିଥିଲେ। ବିଧାନସଭା ସଚିବ ଦାଶରଥି ଶତପଥୀ ଅତିଥିଭାବେ ଯୋଗଦେଇ ବିଧାନସଭା ପ୍ରଶ୍ନଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍‌ରେ ଇ-ବିଧାନ ମାଧ୍ୟମରେ ସମ୍ପନ୍ନ କରିବା ପାଇଁ ବିଧାନସଭାର କର୍ମଚାରୀ ଓ ଅଧିକାରୀଙ୍କୁ ଏହି ତାଲିମ କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ ବୋଲି କହିଥିଲେ।

ସମ୍ବାଦ

# ନେଭା ସେବାକେନ୍ଦ୍ର ଉଦ୍‌ଘାଟିତ




ଭୁବନେଶ୍ୱର,୯/୬(ଇମିସ): ଓଡ଼ିଶା ବିଧାନସଭା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ନେଭା(ନାସନାଲ ଇ-ବିଧାନ) ଜରିଆରେ କାଗଜବିହୀନ ପ୍ରଣାଳୀକୁ ଅଧିକ କ୍ରିୟାଶୀଳ କରାଯିବ। ଆଗାମୀ ଦିନରେ ଓଡ଼ିଶା ବିଧାନସଭାରେ ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣଭାବେ ଅନ୍‌ଲାଇନ୍ ଓ ଡିଜିଟାଲ ମାଧ୍ୟମରେ କରାଯିବ। ଏଥିପାଇଁ ପର୍ଯ୍ୟାୟକ୍ରମେ ଓଡ଼ିଶା ବିଧାନସଭାର ସମସ୍ତ ପଦାଧିକାରୀ ଓ ସଦସ୍ୟଙ୍କୁ ଏନ୍‌ଆଇସି ଓ ଓକାକ୍ କର୍ତ୍ତୃକ୍ଷଙ୍କ ଜରିଆରେ ତାଲିମ ପ୍ରଦାନ କରାଯିବ।

ଏହି ପରିପ୍ରେକ୍ଷୀରେ ବାଚସ୍ପତି ରଜନୀକାନ୍ତ ସିଂହଙ୍କ ଦ୍ୱାରା ନେଭା ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମରେ ବିଧାନସଭାର ସମସ୍ତ ସହକାରୀ ଉପ-ବିଭାଗ ଅଧିକାରୀ ଏ ସମ୍ବନ୍ଧରେ ତାଲିମ ଗ୍ରହଣ କରିଛନ୍ତି। ବାଚସ୍ପତି ଶ୍ରୀ ସିଂହ କହିଥିଲେ ଯେ ଓଡ଼ିଶା ବିଧାନସଭାର ସମସ୍ତ କର୍ମଚାରୀ ଓସ୍ୱାସ୍‌ରେ କାର୍ଯ୍ୟ କରିବାରେ ଅଭ୍ୟସ୍ତ। ଜୁଲାଇ ମାସ ମଧ୍ୟରେ ତାଲିମ ସମାପ୍ତ କରି ନେଭା ଆପ୍ଲିକେସନ୍ ପ୍ରୟୋଗରେ ସଫଳ ହେବେ ବୋଲି ସେ ଆଶାପ୍ରକାଶ କରିଛନ୍ତି। ବିଧାନସଭା ସଚିବ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ।

BHUBANESWAR Edition
Page No.15 June 10, 2023